**ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ୫ହଜାରରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ**

**ଭୁବନେଶ୍ୱର,(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ଶନିବାର ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସାରା ରାଜ୍ୟରୁ ମୋଟ ୫ ହଜାରରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ତାଙ୍କ ଜନ୍ମଦିନ ପାଳନ ନ କରି ନିଜକୁ ସେବା କାର୍ଯ୍ୟରେ ନିୟୋଜିତ କରିବାକୁ ଅନୁରୋଧ କରିଥିଲେ। ଏହାକୁ ଅନୁସରଣ କରି ଓଡ଼ିଶା ମୋ ପରିବାର ପକ୍ଷରୁ ଏଭଳି ଜନହିତକର କାର୍ଯ୍ୟ କରାଯାଇଛି। ଲୋକମାନେ ସ୍ୱଇଚ୍ଛାରେ ରକ୍ତଦାନ କରିଥିବା ଓଡ଼ିଶା ମୋ ପରିବାର ପକ୍ଷରୁ କୁହାଯାଇଛି।




## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଢେଙ୍କାନାଳ କଲଚରାଲ ଆସୋସିଏଶନ, ସାରଙ୍ଗଧର ଦାଶ ଫାଉଣ୍ଡେଶନ ଓ ଢେଙ୍କାନାଳ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଜୟନ୍ତୀ ପାଳନ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୦ଟା ୩୦ ।କ
- ବିଜୟ ଏକ ଉଚ୍ଛ୍ୱାସ ପକ୍ଷରୁ ନାଟ୍ୟକାର ଡ.ବିଜୟ ମିଶ୍ରଙ୍କ ସ୍ମୃତିଚାରଣ ଓ ପୁସ୍ତକ ଲୋକାର୍ପଣ ଉତ୍ସବ, ରୋଟାରୀ ଭବନ, ୟୁନିଟ-୯, ଅପରାହ୍ନ ୪ଟା।

## ସଂକ୍ଷେପରେ

### ବାଲିଘାଟରୁ ବୃଦ୍ଧଙ୍କ ମୃତଦେହ ଜବତ

**ବାରଙ୍ଗ,୧୬।୧୦(ଡି.ଏନ୍.ଏ.):** ତ୍ରିଶୂଳିଆ ନରଣପୁର ବାଲିଘାଟ କୁଆଖାଇରୁ ଜଣେ ବୃଦ୍ଧଙ୍କ ମୃତଦେହକୁ ବାରଙ୍ଗ ଥାନା ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଗ୍ରାମର ବାଦଲ ସାମଲ(୬୫)। ବାଦଲ ଗତ ମଙ୍ଗଳବାରଠାରୁ ନିଖୋଜ ଥିବାର ଗୋଡିସାହି ଫାଣ୍ଡିରେ ଅଭିଯୋଗ ହୋଇଥିଲା। ତେବେ ଗୁରୁବାର ବାଲିଘାଟ ଅଞ୍ଚଳର ଲୋକ ନଦୀପଠାକୁ ଯାଉଥିବାବେଳେ ଏକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପରିବାର ଲୋକଙ୍କୁ ଜଣାଇଥିଲା। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କୁହାଯିବ ବୋଲି ପୋଲିସ କହିଛି।

### ଜଗଦୀଶ ଗଜେନ୍ଦ୍ର ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତି

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ):** ଭୁବନେଶ୍ୱର ଜିଲା ଛାତ୍ର କଂଗ୍ରେସର ବିଭିନ୍ନ ପଦ ପଦବୀ ପାଇଁ ନାମ ଘୋଷଣା କରାଯାଇଛି। ଭୁବନେଶ୍ୱର ଜିଲା ଛାତ୍ର କଂଗ୍ରେସର ନୂତନ ସଭାପତି ଭାବେ ଜଗଦୀଶ ଗଜେନ୍ଦ୍ର, ମଧ୍ୟ ଭୁବନେଶ୍ୱରର ସଭାପତି ଭାବେ ଅବଦୁଲ ସାହରୁଖ ଖାନ, ଏକାମ୍ର ଭୁବନେଶ୍ୱରର ସଭାପତି ଭାବେ ନିୟାଜୁଲ ଇସ୍‌ଲାମ ଏବଂ ଉତ୍ତର ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତି ଭାବେ ଉଦିତ୍ ପ୍ରଧାନଙ୍କ ନାମକୁ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସ ସଭାପତି ନିରଜ କୁନ୍ଦନ ଅନୁମୋଦନ କରିଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଓ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦିକା ଅନୁଲେଖା ବୋଷ ଏହି ଛାତ୍ର ନେତାଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି।

# ଟୟ ଟ୍ରେନରେ ଧୂଆଁ, ପର୍ଯ୍ୟଟକ ଭୟଭୀତ

**ବାରଙ୍ଗ,୧୬।୧୦(ଡି.ଏନ୍.ଏ.)**

ଦୀର୍ଘ ବର୍ଷ ପରେ ନନ୍ଦନକାନନରେ ଶିଶୁ ରେଳଗାଡ଼ି (ଟୟଟ୍ରେନ୍) ଚାଲିଛି। ହେଲେ ଚାଲିବାର ଗୋଟିଏ ଦିନର ବ୍ୟବଧାନ ପରେ ଦେଖାଦେଇଥିଲା ଯାନ୍ତ୍ରିକ ତ୍ରୁଟି। ଦଶହରା ଦିନ ୪୫ ଯାତ୍ରୀଙ୍କୁ ନେଇ ପରିଭ୍ରମଣ କରାଇ ଫେରୁଥିବାବେଳେ ବ୍ୟାଟେରି ବଗିରେ ଶର୍ଟସର୍କିଟ ହୋଇ ଧୂଆଁମୟ ହୋଇଯାଇଥିଲା। ଫଳରେ ଟ୍ରେନରେ ବସିଥିବା ପର୍ଯ୍ୟଟକମାନେ ଜୀବନ ବଞ୍ଚାଇବାକୁ ଯାଇ ବାହାରକୁ ଚାଲିଆସିଥିଲେ। ଯାହାକି ନିଶ୍ଚିତ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲା ନନ୍ଦନକାନନ। ସୂଚନାଯୋଗ୍ୟ, ୭ ବର୍ଷର ବ୍ୟବଧାନ ପରେ ଶିଶୁରେଳଗାଡ଼ି ଚାଲିଥିଲା। ୮ତାରିଖରେ ଏହାକୁ ଲୋକାର୍ପଣ କରାଯାଇଥିବାବେଳେ ୧୪ତାରିଖରେ ଏହା ବିଧିବଦ୍ଧ ଭାବେ ପ୍ରଚଳନ ହୋଇଥିଲା। ତେବେ ଦଶହରା ପାଇଁ ନନ୍ଦନକାନନ ପ୍ରବଳ ଭିଡ଼ ରହିଥିବା ବେଳେ ଟୟଟ୍ରେନରେ ମଧ୍ୟ ଶିଶୁ ସମେତ ପର୍ଯ୍ୟଟକ ବୁଲି ମଜା ନେଉଥିଲେ। ଅପରାହ୍ନ ପ୍ରାୟ ୪ଟା ୪୫ ମିନିଟ ସମୟରେ ୪୫ଜଣ ଯାତ୍ରୀଙ୍କୁ ନେଇ ପରିଭ୍ରମଣ କରୁଥିବା ଟୟଟ୍ରେନ ଫେରୁଥିବାବେଳେ ଷ୍ଟେଶନ ପାଖାପାଖି ପହଞ୍ଚିଥିବାବେଳେ ହଠାତ୍ ଟ୍ରେନଟି ଧୂଆଁମୟ ହୋଇଯାଇଥିଲା। ଟ୍ରେନ ଚାଳକ ଗାଡ଼ିକୁ ରୋକି ଓହ୍ଲାଇ ପଡିବା ପରେ ଭୟରେ





## ମରାମତି ସରିଲେ ପୁଣି ଚାଲିବ

ଯାତ୍ରୀମାନେ ମଧ୍ୟ ଓହ୍ଲାଇ ପଡ଼ି ଦୌଡ଼ିଥିଲେ। ଖବରପାଇ ନନ୍ଦନକାନନର କର୍ମଚାରୀମାନେ ପହଞ୍ଚି ଯାଞ୍ଚ କରିବାରୁ ବ୍ୟାଟେରି ବଗିରେ କୌଣସି କାରଣବଶତଃ କଣ୍ଟ୍ରୋଲ ପ୍ୟାନେଲ ବୋର୍ଡ ଶର୍ଟସର୍କିଟ ହୋଇ ପୋଡିଯାଇ ଧୂଆଁ ହୋଇଯାଇଥିଲା। ନିଆଁ ଲାଗିବାକୁ ଆରମ୍ଭ କରିବା ପୂର୍ବରୁ ବେଟେରି ସଂଯୋଗକୁ ବିଚ୍ଛିନ୍ନ କରାଯାଇଥିଲା। ତେବେ ପର୍ଯ୍ୟଟକମାନେ ସୁରକ୍ଷିତ ଭାବେ ଟ୍ରେନ୍‌ରୁ ଓହ୍ଲାଇ ଯାଇଥିଲେ।

୪କୋଟି ୯୮ଲକ୍ଷ ଟଙ୍କାର ବ୍ୟୟରେ ରାଇଟ୍ସ କମ୍ପାନୀ ଦ୍ୱାରା ଅତ୍ୟାଧୁନିକ ଶୈଳୀରେ ଆକର୍ଷଣୀୟ ଶିଶୁରେଳଗାଡିର ପୁନରୁଦ୍ଧାର କରାଯାଇଛି । ୪ଟି ବଗି ଲାଗିବା ପାଇଁ ବ୍ୟବସ୍ଥା ରହିଥିବାବେଳେ ଏବେ ୩ଟି ବଗିରେ ଆରମ୍ଭ କରିଥିବାବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ଏତେ ଟଙ୍କା ବ୍ୟୟବରାଦ ସତ୍ତ୍ୱେ ଚାଲିବାର ଗୋଟିଏ ଦିନର ବ୍ୟବଧାନ ପରେ ଦେଖାଦେଇଥିବା ସମସ୍ୟାକୁ ନେଇ ଏହାର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି, ଯାନ୍ତ୍ରିକ ତ୍ରୁଟି ସମସ୍ୟା ଯୋଗୁ ଅଘଟଣ ଘଟିଛି । ବ୍ୟାଟେରି କିମ୍ବା ଇଞ୍ଜିନରେ କ'ଣ ସମସ୍ୟା ରହିଛି ତାକୁ ଦେଖିବାପାଇଁ କରିଥିବା ରାଇଟ୍ସ କମ୍ପାନୀକୁ କୁହାଯାଇଛି। ସେମାନେ ଆସି ମରାମତି କରିବେ। ମରାମତି ସରିଲେ ପୂର୍ବଭଳି ଶିଶୁରେଳଗାଡି କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି।

## ୧୮ ପର୍ଯ୍ୟନ୍ତ ବର୍ଷା, ବଜ୍ରପାତ

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ):** ରାଜ୍ୟରେ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଏଥିସହ ବଜ୍ରପାତ ହେବ। ୧୭ରେ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ ଯାଜପୁରରେ ପ୍ରବଳ ବର୍ଷା ହେବ। ଅନ୍ୟ କେତେକ ଜିଲାରେ ଘଡ଼ଘଡ଼ି ସହ ବଜ୍ରପାତ ହେବ। ୧୮ରେ ମୟୂରଭଞ୍ଜ ଓ ବାଲେଶ୍ୱରରେ ପ୍ରବଳ ବର୍ଷା ହେବ।

# ମାଷ୍ଟରମାଇଣ୍ଡ ରାକେଶଙ୍କୁ ଏନ୍‌କାଉଣ୍ଟର

**କଟକ ଅଫିସ, ୧୬।୧୦**

କଟକ ଜିଲା କନ୍ଦରପୁର ଥାନା ଅଧୀନ ୪୨ ମୌଜା ନିକଟ ପରମହଂସ ଅଥଙ୍ଗା କାଠଯୋଡି ନଦୀବନ୍ଧ ରାସ୍ତାରେ ଶନିବାର ସକାଳେ ପୋଲିସ ଏନ୍‌କାଉଣ୍ଟରରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଅଞ୍ଚଳର ରାକେଶ ଦାସ ଓରଫ ରାକା ଆହତ ହୋଇଛନ୍ତି। ତାଙ୍କ ଡାହାଣ ଗୋଡରେ ଗୁଳି ବାଜିବାରୁ ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କଠାରୁ ଗୋଟିଏ ୭ ଏମ୍‌ଏମ୍ ଦେଶୀ ବନ୍ଧୁକ, ୩ଟି ଗୁଳି ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ଅନ୍ୟପକ୍ଷରେ ରାକେଶଙ୍କ ପାଲଟା ଗୁଳି ଚାଳନାରେ କନ୍ଦରପୁର ଆଇଆଇସି ବିପିନ ବିହାରୀ ହୋତା ଓ ଏସ୍‌ଆଇ ରାଧାକାନ୍ତ ସେଠୀ ସାମାନ୍ୟ ଆହତ ହୋଇଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ, ରାକେଶ ଜଣେ ପେସାଦାର ଅପରାଧୀ। ଡକାୟତି, ଲୁଟ୍, ଦାଦାବଟି ଆଦାୟ ଓ ଅସ୍ତ୍ରଶସ୍ତ୍ର କାରବାର କରିବା ନେଇ ତାଙ୍କ ବିରୋଧରେ ଥାନାରେ ଏକାଧିକ ମାମଲା ରହିଛି। ଗତ ସେପ୍ଟେମ୍ବର ୯ ତାରିଖ ଦ୍ୱିପ୍ରହରରେ କନ୍ଦରପୁର-ମାଛଗାଁ ରାସ୍ତାର ଅଥଙ୍ଗା ନିକଟରେ ଜଗତ୍‌ସିଂହପୁର ଜିଲା କେନ୍ଦାଳ ଗ୍ରାମର କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ଗୁଳି କରି ଦୁଇ ଜଣ ଦୁର୍ବୃତ୍ତ ପ୍ରାୟ ୯୦ ହଜାର ଲୁଟି ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ କନ୍ଦରପୁର ପୋଲିସ ମାମଲା(ନଂ. ୨୧୪/୨୧) ରୁଜୁ କରିଥିଲା। ତଦନ୍ତବେଳେ ଏହି ଘଟଣାରେ ରାକେଶ ମାଷ୍ଟରମାଇଣ୍ଡ ବୋଲି ଜଣାପଡିଥିଲା। ସେ କଟକରୁ ଜଗତ୍‌ସିଂହପୁର ଯାଉଥିବାବେଳେ ପୋଲିସ ସହ ମୁହାଁମୁହିଁ ହୋଇଥିଲେ।

**ଅଥଙ୍ଗା ଲୁଟ୍ ଘଟଣା**



- ବନ୍ଧୁକ, ୩ ଗୁଳି, ବାଇକ୍ ଜବତ
- ପାଲଟା ଗୁଳିଚାଳନାରେ ଆଇଆଇସି, ଏସ୍‌ଆଇ ଆହତ

# ୨ କେଜି ନକଲି ସୁନା ଜବତ, ୨ ଗିରଫ

## ଅସଲି ଦେଖାଇ ନକଲି ବିକ୍ରି କରୁଥିଲେ

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ)**

ଅସଲି ସୁନା ଅଳଙ୍କାର ଦେଖାଉଥିଲେ। ହେଲେ କୌଶଳକ୍ରମେ ନକଲି ଦେଇ ଠକୁଥିଲେ। ଏଭଳି ଠକେଇ କରୁଥିବା ଏକ ଗ୍ୟାଙ୍ଗର ୨ଜଣଙ୍କୁ ଗିରଫ କରିଛି ଶହୀଦନଗର ଥାନା ପୋଲିସ। ସେମାନେ ହେଲେ ଛତିଶଗଡ଼ର ମୋହନ ସୁଲାଙ୍କୀ(୫୦) ଓ ଘନଶ୍ୟାମ ସୁଲାଙ୍କୀ(୫୦)। ସେମାନଙ୍କଠାରୁ ୨ କେଜି ନକଲି ସୁନା ଅଳଙ୍କାର ଜବତ ହୋଇଛି। ୫ ହଜାର ଟଙ୍କାର ଅସଲି ସୁନା ଦେଖାଇ ନକଲି ସୁନାକୁ ୫୦ଲକ୍ଷ ଟଙ୍କାରେ ବିକ୍ରି ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ଧରିଥିଲା। ସୂଚନା ମୁତାବକ, ମୋହନ ଓ ଘନଶ୍ୟାମ ନକଲି ସୁନା ବିକ୍ରି କରିବାକୁ ବିଭିନ୍ନ ବସ୍ ଷ୍ଟପ ଓ ରେଳ ଷ୍ଟେଶନରେ ଘୂରି ବୁଲି ଲୋକଙ୍କୁ ଟାର୍ଗେଟ କରୁଥିଲେ। ପ୍ରଥମେ ଅସଲି ସୁନାର ସାମ୍ପଲ ଦେଇ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲେ। ଏପରି କି ବଜାର ମୂଲ୍ୟଠାରୁ ଅଧା ଦାମ୍‌ରେ ସୁନା ଦେବେ ବୋଲି କହୁଥିଲେ। ଯିଏ ଲୋଭରେ ପଡି କିଣିବାକୁ ଚାହୁଁଥିଲେ, ଦୁଇ ଠକ ସେମାନଙ୍କଠାରୁ ଟଙ୍କା ପାଇବା ପରେ କୌଶଳକ୍ରମେ ନକଲି ସୁନା ଧରାଇ ଚମ୍ପଟ ମାରୁଥିଲେ। ଏମିତି ଢଙ୍ଗରେ ଏହି ଦୁଇଜଣ ଜୟଦେବବିହାର ବସ୍ ଷ୍ଟପ୍‌ରେ ଜଣେ ବ୍ୟବସାୟୀଙ୍କୁ ୫୦ ଲକ୍ଷ ଟଙ୍କାର ସୁନାକୁ ୧୫ ଲକ୍ଷରେ ବିକ୍ରି କରିବେ ବୋଲି କହି ଫସାଉଥିଲେ। ଖବର ପାଇ ଶହୀଦନଗର ଥାନା ପୋଲିସ ସେଠାରେ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା। ପୋଲିସ ସେମାନଙ୍କଠାରୁ ୨ କିଲୋ ଓଜନର ନକଲି ସୁନା ଓ ୫ ହଜାର ଟଙ୍କାର ଅସଲି ସୁନା ସମେତ ୨ଟି ମୋବାଇଲ ଫୋନ୍ ଜବତ କରିଥିଲା। ଆଗକୁ ଧନତେରସ ଥିବାରୁ ଲୋକଙ୍କୁ ଠକିବା ଲାଗି ଏମାନେ ଭୁବନେଶ୍ୱରରେ ଡେରା ପକାଇଥିବା କହିଥିଲେ। ଏମାନେ ଏପରି ଆଉ କାହାକୁ ଠକିଛନ୍ତି ଓ ତାଙ୍କ ର୍‌ୟାକେଟରେ କେଉଁମାନେ ଅଛନ୍ତି ସେନେଇ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି।

# 'ଟାଲ ଟିକେ ପ୍ରେମ କରିବା' ଅଡିଓ ରିଲିଜ୍

**ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)**

ଦର୍ଶକଙ୍କୁ ସମ୍ପୂର୍ଣ୍ଣ ମନୋରଞ୍ଜନ ଦେବା ପାଇଁ ଖୁବ୍‌ଶୀଘ୍ର ପରଦାକୁ ଆସୁଛି ଫିଲ୍ମ 'ଟାଲ ଟିକେ ପ୍ରେମ କରିବା'। କମେଡି ଓ ରୋମାଣ୍ଟିକ୍ ଲଭ୍ ଷ୍ଟୋରିକୁ ନେଇ ଦ୍ୱିତୀୟଥର ପାଇଁ ଦେବକୀ ଫିଲ୍ମସ୍ ବ୍ୟାନର ଦର୍ଶକଙ୍କୁ ଏହି ଭେଟି ଦେବାକୁ ଯାଉଛି। ଶନିବାର ଦି ପ୍ରେସ୍‌କ୍ଲବ୍ ଅଫ୍ ଓଡ଼ିଶାଠାରେ ଫିଲ୍ମର ଅଡିଓ ରିଲିଜ୍ ହୋଇଛି। କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ୍‌ର ଚେୟାରମ୍ୟାନ୍ ତଥା ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅଭିନେତା, ଅଭିନେତ୍ରୀଙ୍କ ସମେତ ଅନ୍ୟ କଳାକାର ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଫିଲ୍ମର କାହାଣୀ ଦେବକୀ ସାହୁ ଲେଖିଥିବାବେଳେ ଡାଏଲଗ୍ ଲେଖିଛନ୍ତି ଆଶୁତୋଷ ବାରିକ। ସେହିପରି ପ୍ରଯୋଜନା ଦାୟିତ୍ୱରେ ଚିନ୍ମୟୀ ପ୍ରିୟଦର୍ଶିନୀ, ସ୍କ୍ରିନ୍ ପ୍ଲେ ଓ ନିର୍ଦ୍ଦେଶନା ଦାୟିତ୍ୱରେ ସରୋଜକାନ୍ତ ରହିଛନ୍ତି। ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିଭୂତିଭୂଷଣ ଗଡନାୟକ। ହ୍ୟୁମାନ ସାଗର, ପ୍ରଜ୍ଞା ହୋତା, ସତ୍ୟଜିତ୍, ଅଭିଜିତ୍ ମଜୁମ୍‌ଦାର, ଅଭିଜିତ୍ ମିଶ୍ର ଏବଂ ସ୍ୱର୍ଗତ ତପୁ ମିଶ୍ର ଏଥିରେ କଣ୍ଠଦାନ କରିଛନ୍ତି। ସେହିପରି କାହାଣୀର ମୁଖ୍ୟ ଭୂମିକାରେ ଅଭିନେତା ଦେବରାଜ, ଅଭିନେତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ, ଲିପ୍‌ସା ମିଶ୍ର ଏବଂ ଅନ୍ୟମାନଙ୍କ ମଧ୍ୟରେ ପ୍ରଜ୍ଞା, ଗୁଡୁ, ସୁଶୀଲ, ଲକ୍ଷ୍ମୀପ୍ରିୟା, ରବି, ପୁପିନ୍ଦର, ସରୋଜ ବଳ, ବୀରେନ୍ ମିଶ୍ର ପ୍ରମୁଖ ରହିଛନ୍ତି।




ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଶନିବାର ଫିଲ୍ମ 'ଟାଲ ଟିକେ ପ୍ରେମ କରିବା'ର ଅଡିଓ ରିଲିଜ୍ ଅବସରରେ କଳାକାରଙ୍କ ସହ ପ୍ରେସ୍ କ୍ଲବ୍ ଚେୟାରମ୍ୟାନ୍ ତଥା ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଓ ଅନ୍ୟମାନେ।

# ଗୁଳିମାଡ଼, ଯୁବକ ଗୁରୁତର

## ପୂର୍ବତନ ସେନା ଅଧିକାରୀ ଗିରଫ, ବନ୍ଧୁକ, ୪୩ ଗୁଳି ଜବତ

**ଖୋର୍ଦ୍ଧା ଅଫିସ/ବେଗୁନିଆ,୧୬।୧୦(ଡି.ଏନ୍.ଏ.)**

ଦଶହରାରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ନୂଆସାହିରେ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବିଭୂତି ଭୂଷଣ ଜେନା। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ପୂର୍ବତନ ସାମରିକ ସୁବେଦାର(ମେଜର) ପ୍ରସନ୍ନ ନାୟକଙ୍କୁ ଗିରଫ କରିଛି। ପ୍ରସନ୍ନଙ୍କ ଘର ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମ ହୋଇଥିବା ବେଳେ ଜଟଣୀ ଅରଗୁଲସ୍ଥିତ ଆଇଆଇଟିରେ ସିକ୍ୟୁରିଟି ଗାର୍ଡ ଭାବେ ଏବେ କାର୍ଯ୍ୟ କରୁଛନ୍ତି। ତେବେ ଅଭିଯୁକ୍ତଙ୍କଠାରୁ ଗୋଟିଏ ବନ୍ଧୁକ, ୪୩ଟି ଗୁଳି ଓ ବାଇକ୍ ଜବତ ହୋଇଛି। ଟଙ୍କା କାରବାରକୁ ନେଇ ଏହି ଗୁଳିମାଡ଼ ହୋଇଥିବା ପୋଲିସ କହିଛି।









# ମାଷ୍ଟରମାଇଣ୍ଡ ରାକେଶଙ୍କୁ ଏନ୍‌କାଉଣ୍ଟର

**ଅଥଙ୍ଗା ଲୁଟ୍ ଘଟଣା**

- ବନ୍ଧୁକ, ୩ ଗୁଳି, ବାଇକ୍ ଜବତ
- ପାଲଟା ଗୁଳିଚାଳନାରେ ଆଇଆଇସି, ଏସ୍‌ଆଇ ଆହତ

କଟକ ଅଫିସ, ୧୬।୧୦

କଟକ ଜିଲା କନ୍ଦରପୁର ଥାନା ଅଧୀନ ୪୨ ମୌଜା ନିକଟ ପରମହଂସ ଅଥଙ୍ଗା କାଠଯୋଡି ନଦୀବନ୍ଧ ରାସ୍ତାରେ ଶନିବାର ସକାଳେ ପୋଲିସ ଏନ୍‌କାଉଣ୍ଟରରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଅଞ୍ଚଳର ରାକେଶ ଦାସ ଓରଫ ରାକା ଗୁରୁତର ହୋଇଛନ୍ତି। ତାଙ୍କ ଡାହାଣ ଗୋଡରେ ଗୁଳି ବାଜିବାରୁ ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କଠାରୁ ଗୋଟିଏ ୭ ଏମ୍‌ଏମ୍ ଦେଶୀ ବନ୍ଧୁକ, ୩ଟି ଗୁଳି ଓ ଗୋଟିଏ ବାଇକ୍(ନଂ. ଓଡ଼ି୨୧ଏମ୍–୬୪୯୩) ଜବତ କରାଯାଇଛି। ଅନ୍ୟପକ୍ଷରେ ରାକେଶଙ୍କ ପାଲଟା ଗୁଳି ଚାଳନାରେ କନ୍ଦରପୁର ଆଇଆଇସି ବିପିନ ବିହାରୀ ହୋତା ଓ ଏସ୍‌ଆଇ ରାଧାକାନ୍ତ ସେଠୀ ସାମାନ୍ୟ ଆହତ ହୋଇଛନ୍ତି।



ଆହତ ରାକେଶ।





ପୋଲିସ ସୂତ୍ରରୁ ପ୍ରକାଶ, ରାକେଶ ଜଣେ ପେସାଦାର ଅପରାଧୀ। ଡକାୟତି, ଲୁଟ୍, ଦାଦାବଟି ଆଦାୟ ଓ ଅସ୍ତ୍ରଶସ୍ତ୍ର କାରବାର କରିବା ନେଇ ତାଙ୍କ ବିରୋଧରେ ଥାନାରେ ଏକାଧିକ ମାମଲା ରହିଛି। ଗତ ସେପ୍ଟେମ୍ବର ୯ ତାରିଖ ଦ୍ୱିପ୍ରହରରେ କନ୍ଦରପୁର-ମାଛଗାଁ ରାସ୍ତାର ଅଥଙ୍ଗା ନିକଟରେ ଜଗତ୍‌ସିଂହପୁର ଜିଲା କେନ୍ଦାଳ ଗ୍ରାମର କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ଗୁଳି କରି ଦୁଇ ଜଣ ଦୁର୍ବୃତ୍ତ ପ୍ରାୟ ୯୦ ହଜାର ଲୁଟି ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ କନ୍ଦରପୁର ପୋଲିସ ମାମଲା(ନଂ. ୨୧୪/୨୧) ରୁଜୁ କରିଥିଲା। ତଦନ୍ତବେଳେ ଏହି ଘଟଣାରେ ରାକେଶ ମାଷ୍ଟରମାଇଣ୍ଡ ବୋଲି ଜଣାପଡିଥିଲା। ତାଙ୍କୁ ଧରିବା ପାଇଁ ପୋଲିସ ଅନେକ ଥର ଚେଷ୍ଟା କରି ବିଫଳ ହୋଇଥିଲା। ରାକେଶ କଟକରୁ ଜଗତ୍‌ସିଂହପୁର ଯାଉଥିବା ନେଇ ଶନିବାର ଭୋର ସମୟରେ ସୂଚନା ମିଳିବା ପରେ କନ୍ଦରପୁର ଆଇଆଇସି ବିପିନ ବିହାରୀ ହୋତା ସଦଳବଳ ଅଥଙ୍ଗା ନଦୀବନ୍ଧ ରାସ୍ତାରେ ଜଗି ରହିଥିଲେ। ସକାଳ ପ୍ରାୟ ସାଢେ ୬ଟାରେ ରାକେଶ ବାଇକ୍‌ରେ ଆସୁଥିଲାବେଳେ ପୋଲିସ ଟିମ୍ ତାଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲା। ସେ ପୋଲିସକୁ ଦେଖି ଖସିଯିବାକୁ ଉଦ୍ୟମ କରିଥିଲେ। ପୋଲିସ ଟିମ୍ ତାଙ୍କୁ ଚାରିପଟୁ ଘେରିଯିବାରୁ ସେ ଉପାୟ ନ ପାଇ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଏହି ସମୟରେ ପୋଲିସ ଆତ୍ମରକ୍ଷା କରିବାକୁ ଯାଇ ରାକେଶଙ୍କ ଉପରକୁ ୨ ରାଉଣ୍ଡ ପାଲଟା ଗୁଳି ଚାଳନା କରିଥିଲା। ସେଥିମଧ୍ୟରୁ ଗୋଟିଏ ଗୁଳି ରକେଶଙ୍କ ଗୋଡରେ ବାଜିବାରୁ ସେ ବାଇକ୍‌ରୁ ତଳେ ପଡିଯାଇଥିଲେ। ପରେ ପୋଲିସ ଟିମ୍ ତାଙ୍କୁ କାବୁ କରିଥିଲା।

## ସାଇବାବାଙ୍କ ଚଭାଡ଼ି ଯାତ୍ରା

ନିଶ୍ଚିନ୍ତକୋଇଲି, ୧୬।୧୦(ସ୍ୱ.ପ୍ର)
ନିଶ୍ଚିନ୍ତକୋଇଲି ବ୍ଲକ ବାଣୀନଗରସ୍ଥିତ ସାଇ ମନ୍ଦିରରେ ସାଇବାବାଙ୍କ ଚଭାଡିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ଘନଶ୍ୟାମ ପାଢୀ, ଶୁଭାଶିଷ ଷଡ଼ଙ୍ଗୀ ଓ ଚନ୍ଦନ ମହାପାତ୍ର ଏହି ପୂଜା କରିଥିଲେ।

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**୧୫୦ ଲୋକଙ୍କୁ ଜମିପଟ୍ଟା ପ୍ରଦାନ ଦାବି**

କଟକ ଅଫିସ, ୧୬।୧୦

ବ୍ରହ୍ମପୁରର ୧୫୦ ଗରିବ, ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଏଥିରେ ଗଞ୍ଜାମ ଜିଲାପାଳ ଓ ରାଜସ୍ୱ କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଆବେଦନକାରୀ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ପିଟିଶନରେ ଦର୍ଶାଇଛନ୍ତି, ବ୍ରହ୍ମପୁର ତହସିଲ ଅନ୍ତର୍ଗତ ହରିଡ଼ାଖଣ୍ଡି ରାଜସ୍ୱ ମୌଜା ଖାତା ନଂ.୫୩୨, ପ୍ଲଟ୍ ନଂ. ୫୬୮/୧୮୩୬, ଏରିଆ, ୧ଏକର ୨୦୦ ଡିସିମିଲ ଅଞ୍ଚଳରେ ୧୫୦ ଗରିବ, ଭୂମିହୀନ ଦଳିତ ଶ୍ରେଣୀର ବ୍ୟକ୍ତି ରହୁଛନ୍ତି। ସେମାନେ ୬୦ ବର୍ଷରୁ ଅଧିକ ସମୟ ଧରି ଘରବାରି ଯୋଗ୍ୟ ଅନାବାଦୀ ପତିତ ଜମିରେ ବାସ କରିଆସୁଥିଲେ ମଧ ସେମାନଙ୍କୁ ପଟ୍ଟା ପ୍ରଦାନ କରାଯାଉନାହିଁ। ଏ ନେଇ ସେମାନେ ପୂର୍ବରୁ ଜିଲାପାଳ ଓ ରାଜସ୍ୱ କମିଶନରଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ କିଛି ସୁଫଳ ମିଳିପାରିନାହିଁ।

## ବେଆଇନ ବନ୍ଧୁକ କାରବାର: ୨ ଗିରଫ

କଟକ ଅଫିସ, ୧୬।୧୦

ବେଆଇନ ବନ୍ଧୁକ କାରବାର କରିବା ଅଭିଯୋଗରେ ମାଲଗୋଦାମ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ଯୋବ୍ରା ପାରେଶ୍ୱର ସାହିର ମୁନା ରାଓ(୪୦) ଓ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଅପର୍ଣ୍ଣା ନଗର ମହାନ୍ତି ଲେନ୍‌ର ସୌଭାଗ୍ୟ ଦାସ। ସେମାନଙ୍କଠାରୁ ୨ଟି ବନ୍ଧୁକ,ଗୋଟିଏ ମାଗାଜିନ ଓ ୨ଟି ଗୁଳି ଜବତ କରାଯାଇଛି। ଗୁରୁବାର ଅପରାହ୍ନରେ ଯୋବ୍ରା ତଡ୍‌ବଟ ନିକଟରେ ଅଭିଯୁକ୍ତମାନେ ବେଆଇନ ବନ୍ଧୁକ କାରବାର କରିବା ନେଇ ପୋଲିସକୁ ଖବର ମିଳିଥିଲା। ପରେ ମାଲ୍‌ଗୋଦାମ ଥାନା ଏସ୍‌ଆଇ ସୁନୀଲ ଯାଦବ ଓ ଟିମ୍ ଘଟଣାସ୍ଥଳରେ ଚଢାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରିଥିଲେ। ଜେରାବେଳେ ସେମାନେ ବିହାରର ମୁଙ୍ଗେରରୁ ବନ୍ଧୁକ ଆଣି କଟକ ଓ ପାଖ ଜିଲାଗୁଡିକର ଅପରାଧୀମାନଙ୍କୁ ଯୋଗାଉଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଅଭିଯୁକ୍ତ ମୁନାଙ୍କ ନାମରେ ପୂର୍ବରୁ ୩ଟି ସଙ୍ଗୀନ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

# କେନ୍ଦ୍ରର ଜନବିରୋଧୀ ନୀତି ବିରୋଧରେ ବିକ୍ଷୋଭ

କଟକ ଅଫିସ, ୧୬।୧୦

ବିଭିନ୍ନ ଦାବି ନେଇ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନଙ୍କ ମିଳିତ ମଞ୍ଚ ପକ୍ଷରୁ କଟକ କଲେଜ ଛକଠାରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ମଞ୍ଚର କର୍ମକର୍ତ୍ତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ବିକ୍ଷୋଭରେ ଶ୍ରମିକ ନେତା ରବିନାରାୟଣ ମଲ୍ଲିକ ସାମିଲ ହୋଇ କେନ୍ଦ୍ର ସରକାରଙ୍କ କୃଷକ ଓ ଶ୍ରମିକ ମାରଣ ଏବଂ ଜନବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ଏଥିସହ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ବହିଷ୍କାର, ୩ କୃଷି ଆଇନ ବାତିଲ ଓ ଶ୍ରମିକ ବିରୋଧୀ ୪ ଶ୍ରମ କୋଡ୍ ବାତିଲ କରିବାକୁ ମଲ୍ଲିକ ଦାବି କରିଥିଲେ। ସିଆଇଟିୟୁ, ଏଆଇଟିୟୁସି, ଏଆଇୟୁଟିୟୁସି, ଏନ୍‌ଏଫଟିୟୁ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଆୟୋଜିତ ବିକ୍ଷୋଭରେ ଶ୍ରମିକ ନେତା ରାଜକିଶୋର ମଲ୍ଲିକ, କିଶୋର ଜେନା, ଖଗେଶ୍ୱର ସେଠୀ, ଅଭୟ ସ୍ୱାଇଁ, ନିହାର ରଞ୍ଜନ ଦାସ, ପ୍ରତାପ ମହାପାତ୍ର, ବସନ୍ତ ନାୟକ, ଚକ୍ରଧର ପରିଡ଼ା, ସୌଭାଗ୍ୟ ସାମଲ ପ୍ରମୁଖ ସାମିଲ ହୋଇଥିଲେ।




କଟକ କଲେଜ ଛକ ସମ୍ମୁଖରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ।

## ସଂକ୍ଷେପରେ

### ପ୍ରକାଶ ପାଇଲା ଓଏସ୍‌ଏସ୍‌ଟିଇଟି ପରୀକ୍ଷାଫଳ

**କଟକ,୧୬।୧୦:** ଓଡ଼ିଶା ମାଧମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ସେକେଣ୍ଡାରି ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍‌ଏସ୍‌ଟିଇଟି) ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟ୍‌ରେ ନିଜ ନାମ ଏବଂ ରୋଲ ନମ୍ବର ଉଲ୍ଲେଖ କରି ପରୀକ୍ଷାଫଳ ଦେଖିପାରିବେ ବୋଲି ବୋର୍ଡ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ସୂଚନାଥାଉ କି, ଏହି ପରୀକ୍ଷା ପାଇଁ ପ୍ରାର୍ଥୀମାନେ ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିଥିଲେ। ଅଗଷ୍ଟ ୨୫ ତାରିଖରେ ସେମାନଙ୍କୁ ଆଡ୍‌ମିଟ କାର୍ଡ ପ୍ରଦାନ କରାଯାଇଥିଲା। ଅଗଷ୍ଟ ୩୧ ତାରିଖରେ ଏହି ପରୀକ୍ଷା ହୋଇଥିଲା। ୨୮୮ ପରୀକ୍ଷା କେନ୍ଦ୍ରରେ ପ୍ରାୟ ୫୩ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

### ତାଲିମ ଶିବିର ଉଦ୍‌ଯାପିତ

**କଟକ ଅଫିସ,୧୬।୧୦:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ୫ ଦିନିଆ ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଆଁ ଓ ପାଣିରୁ ଉଦ୍ଧାର କରିବା କୌଶଳ ଶିଖାଇଥିଲେ। ଏହି ଅବସରରେ ଏନ୍‌ଏସ୍‌ଏସ୍ କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା।

### ଅଟୋ-ହାଇୱା ମୁହାଁମୁହିଁ: ୭ ଆହତ

**ଖୁଣ୍ଟୁଣୀ,୧୬।୧୦(ଡି.ଏନ.ଏ):** ୫୫ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ବଜାର ବଡ ଯୋର ନାଳ ନିକଟରେ ଶୁକ୍ରବାର ଅପରାହ୍ନରେ ଅଟୋ-ହାଇୱା ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଅଟୋରେ ଥିବା ଭୁବନେଶ୍ୱର ଅଞ୍ଚଳର ୨ ଜଣ ପୁରୁଷ, ୨ ମହିଳା ଓ ୩ ପିଲା ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଆଠଗଡ଼ ଡାକ୍ତରଖାନା ଓ ଅନ୍ୟ ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଆହତଙ୍କ ମଧ୍ୟରୁ ଶ୍ରୀକାନ୍ତ ନାୟକ, ଏସ୍. ନାୟକ, ସୋନି ନାୟକ ଓ କାବେରୀ ନାୟକଙ୍କ ପରିଚୟ ମିଳିଛି। ଖୁଣ୍ଟୁଣୀ ପଟୁ ଢେଙ୍କାନାଳ ଅଭିମୁଖେ ହାଇୱା ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଅଟୋ ସହ ଧକ୍କା ହୋଇଥିଲା। ଖବରପାଇ ଖୁଣ୍ଟୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

# ବର୍ଦ୍ଧିତ ବସ୍ ଭଡ଼ା ନେଇ ଯାତ୍ରୀ ଅସନ୍ତୁଷ୍ଟ

କଟକ ଅଫିସ, ୧୬।୧୦

ତୈଳଦର ବୃଦ୍ଧି ଯୋଗୁ ଶନିବାର ରାଜ୍ୟରେ ପୁଣି ବସ ଭଡା ବୃଦ୍ଧି ପାଇଛି। ଦିନକୁ ଦିନ ଅତ୍ୟାବଶ୍ୟକ ଦରଦାମ ବୃଦ୍ଧି ପାଉଥିବାବେଳେ ଏବେ ବସ୍ ଭଡା ବୃଦ୍ଧି ଯାତ୍ରୀଙ୍କ ଅସନ୍ତୋଷକୁ ଦ୍ୱିଗୁଣିତ କରିଛି। ତୁରନ୍ତ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେଇ ବସ ଭଡା କମାଇବାକୁ ଯାତ୍ରୀମାନେ ଦାବି କରିଛନ୍ତି। ତେବେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ସେମାନେ ଯାହା କହନ୍ତି...

### ବର୍ଦ୍ଧିତ ତୈଳ ଦର ପ୍ରତ୍ୟାହାର ହେଉ



"କରୋନା ମହାମାରୀ ଯୋଗୁ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତି ବିଗିଡି ଯାଇଛି। ଏଭଳି ପରିସ୍ଥିତିରେ ସରକାର ଯେଉଁ ବସ୍ ଭଡା ବୃଦ୍ଧି କରିଛନ୍ତି, ତାହା ସାଧାରଣ ଲୋକେ ଦେବା କଷ୍ଟକର ହୋଇପଡିବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ବର୍ଦ୍ଧିତ ତୈଳଦର ପ୍ରତ୍ୟାହାର କରି ନିଅନ୍ତୁ।

–ଦେବେନ୍ଦ୍ର କୁମାର ସାହୁ, ସାଧାରଣ ସମ୍ପାଦକ, ରାଜ୍ୟ ବସ୍ ମାଲିକ ସଂଘ

### ଆଗକୁ ବସ୍ ଚଳାଇବା ଅସମ୍ଭବ



"ସରକାର ପ୍ରତ୍ୟେକ ସାମଗ୍ରୀର ମୂଲ୍ୟ ବୃଦ୍ଧି କଲେଣି। ବସ୍ ଟାୟାର ଠାରୁ ଆରମ୍ଭ କରି ପ୍ରତ୍ୟେକ ଯନ୍ତ୍ରାଂଶର ମୂଲ୍ୟ ବୃଦ୍ଧି କରିଛନ୍ତି। ଏହା ଉପରେ ପୁଣି ତେଲ ଦର ବୃଦ୍ଧି। ଏମିତି ପରିସ୍ଥିତି ରହିଲେ ଆଗକୁ ବସ୍ ଚଳାଇବା ଅସମ୍ଭବ ହୋଇପଡିବ। ସରକାର ତୁରନ୍ତ ଡିଜେଲ ଦର କମାଇ ବସ୍ ଯାତ୍ରୀଙ୍କୁ ଆଶ୍ୱସ୍ତ କରନ୍ତୁ।

–ଅଜୟ ବାରିକ, ସାଧାରଣ ସମ୍ପାଦକ, କଟକ ବସ୍ ମାଲିକ ସଂଘ

### ତୈଳ ଦର ବୃଦ୍ଧି ଫରକ ପଡ଼ିବ ନାହିଁ



"ପ୍ରତ୍ୟେକ ସାମଗ୍ରୀର ଦରଦାମ ବଢୁଛି। ତୈଳଦର ବୃଦ୍ଧି ଯୋଗୁ ସରକାର ବସ୍ ଭଡା ବୃଦ୍ଧି କରିଛନ୍ତି। ଏହି ଭଡା ବୃଦ୍ଧି ବିଶେଷ ଫରକ ପଡିବ ନାହିଁ।

–ପ୍ରଦୀପ କୁମାର ଦଳେଇ, ଯାତ୍ରୀ

### ଭଡ଼ା ବଢ଼ିଲେ ବି ଯିବାକୁ ପଡୁଛି



"ବସ୍ ଭଡା ବୃଦ୍ଧି ଯୋଗୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ମୁଁ ମୟୂରଭଞ୍ଜ ୩୫୦ ଟଙ୍କାରେ ଯାଏ। ଶନିବାର ହଠାତ୍ ୪୦୦ ଟଙ୍କା ହୋଇଯାଇଛି। ହେଲେ ବି ମୋତେ ବାଧ ହୋଇ ଯିବାକୁ ପଡୁଛି।

–କୁନୁ ମହାକୁଡ, ଯାତ୍ରୀ









## ସଂକ୍ଷେପରେ

### ପ୍ରକାଶ ପାଇଲା ଓଏସ୍ଏସ୍‌ଟିଇଟି ପରୀକ୍ଷାଫଳ

**କଟକ,୧୬।୧୦:** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ସେକେଣ୍ଡାରି ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍ଏସ୍‌ଟିଇଟି) ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟ୍‌ରେ ନିଜ ନାମ ଏବଂ ରୋଲ ନମ୍ବର ଉଲ୍ଲେଖ କରି ପରୀକ୍ଷାଫଳ ଦେଖିପାରିବେ ବୋଲି ବୋର୍ଡ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ସୂଚନାଥାଉ କି, ଏହି ପରୀକ୍ଷା ପାଇଁ ପ୍ରାର୍ଥୀମାନେ ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିଥିଲେ। ଅଗଷ୍ଟ ୨୫ ତାରିଖରେ ସେମାନଙ୍କୁ ଆଡ୍‌ମିଟ କାର୍ଡ ପ୍ରଦାନ କରାଯାଇଥିଲା। ଅଗଷ୍ଟ ୩୧ ତାରିଖରେ ଏହି ପରୀକ୍ଷା ହୋଇଥିଲା। ୨୮୮ ପରୀକ୍ଷା କେନ୍ଦ୍ରରେ ପ୍ରାୟ ୫୩ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

### 'ଶିକ୍ଷାଦାନକୁ କଲାମ ଭଲ ପାଉଥିଲେ'

**ଖୋର୍ଦ୍ଧାଅଫିସ,୧୬।୧୦:** ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଜରିପୁଟସ୍ଥିତ ମା'ମଙ୍ଗଳା କ୍ଲବ ପରିସରରେ ବିଶ୍ୱ ଛାତ୍ର ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେୱାନୀ ବିଚାରପତି (କନିଷ୍ଠ ବିଭାଗ) ବିଶ୍ୱ ଦୀପକ ସାହୁ, ସ୍ୱତନ୍ତ୍ର ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢ଼ୀ ପ୍ରମୁଖ ଅତିଥିଭାବେ ଯୋଗଦେଇ କହିଥିଲେ, ଭାରତର ପୂର୍ବତନ ରାଷ୍ଟ୍ରପତି ମିଶାଇଲ ମ୍ୟାନ ଭାବେ ପରିଚିତ ଏପିଜେ ଅବଦୁଲ କଲାମଙ୍କ ଜନ୍ମ ଦିବସକୁ ବିଶ୍ୱ ବିଦ୍ୟାର୍ଥୀ ଦିବସ ଭାବେ ପାଳନ କରାଯାଉଛି। ଶିକ୍ଷା ସଫଳତାର ମାପକାଠି। ଶିକ୍ଷାଦାନକୁ କଲାମ ସବୁବେଳେ ଗୁରୁତ୍ୱ ଦେଉଥିଲେ। ସମାଜ ତାଙ୍କୁ ଜଣେ ଶିକ୍ଷକଭାବେ ମନେ ରଖୁ, ସେ ସବୁବେଳେ ଚାହୁଁଥିଲେ। ପିଲାଙ୍କୁ ପାଠ ପଢ଼ାଇବାକୁ ସେ ଭାରି ଭଲ ପାଉଥିଲେ ବୋଲି ଅତିଥିମାନେ କହିଥିଲେ। ଛାତ୍ର ସମାଜ ଦେଶର ଭବିଷ୍ୟତ। ଦେଶର ଭବିଷ୍ୟତ ଚରିତ୍ରବାନ, ଶୃଙ୍ଖଳିତ ହେବା ଆବଶ୍ୟକ ବୋଲି ଆଇନଜୀବୀ ବିକ୍ରମ କୁମାର ଚମ୍ପତି କହିଥିଲେ। ତାଲୁକ ଆଇନ ସେବା କମିଟି ସମ୍ପାଦକ ବସନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ରାଧାରମଣ ଦାସ, ପବିତ୍ର ମୋହନ ରାଜଗୁରୁ, ନବୀନ ମହାପାତ୍ର, ସୁମନ୍ତ ମିଶ୍ର, ସାହିତ୍ୟିକ ନୀଳାଦ୍ରିନାଥ ଜଗଦେବ, ଶିକ୍ଷକ ଶ୍ରୀକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ନିରଞ୍ଜନ ବାଘସିଂହ ଧନ୍ୟବାଦ ଦେଇଥିଲେ।

### ସତ୍ୟପୀର ସ୍ପୋର୍ଟିଂ କ୍ଲବ ଫାଇନାଲରେ

**ବେଗୁନିଆ,୧୬।୧୦(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ପରିଛଲସ୍ଥିତ ଖେଳପଡିଆରେ ଚାଲିଥିବା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ରାଇଜିଂ ଷ୍ଟାର କ୍ଲବକୁ ହରାଇ କାଇପଦରର ସତ୍ୟପୀର ସ୍ପୋର୍ଟିଂ କ୍ଲବ ବିଜୟୀ ହେବା ସହ ଫାଇନାଲକୁ ପ୍ରବେଶ କରିଛି। ରାଇଜିଂ ଷ୍ଟାର କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୦ରନ ସଂଗ୍ରହ କରିଥିଲା। ଜବାବରେ ସତ୍ୟପୀର ସ୍ପୋର୍ଟିଂ କ୍ଲବ ୧୫ ଓଭରରେ ଆବଶ୍ୟକ ୧୧୧ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ପ୍ରଶାନ୍ତ ମାର୍ଥା ୪ ଉଇକେଟ୍ ଅକ୍ତିଆର କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। ଅନୁପ ଜେନା ଓ ଦୀନବନ୍ଧୁ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ କୈଳାସ ଚନ୍ଦ୍ର ମହାପାତ୍ର ରେଫରି ଦାୟିତ୍ୱ ତୁଲାଇଥିଲେ।

### ୧୧୦ ୟୁନିଟ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୧୬।୧୦:** ବେଗୁନିଆ ନିର୍ବାଚନମଣ୍ଡଳୀ ଶଗଡ଼ଭଙ୍ଗା ପଞ୍ଚାୟତ ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ବିଦ୍ୟାଳୟଠାରେ ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ମୋଟ୍ ୧୧୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସଂଯୋଜନା କରିଥିଲେ।

# ଟଙ୍କା କାରବାରକୁ ନେଇ ଗୁଳିମାଡ଼

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୬।୧୦(ଡି.ଏନ୍.ଏ.)**

- ଜଣେ ଯୁବକ ଗୁରୁତର
- ପୂର୍ବତନ ସେନା ଅଧିକାରୀ ଗିରଫ
- ବନ୍ଧୁକ, ୪୩ଟି ଗୁଳି ଓ ବାଇକ୍ ଜବତ

ପବିତ୍ର ଦଶହରାରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ନୂଆସାହିରେ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବିଭୂତି ଭୂଷଣ ଜେନା। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ପୂର୍ବତନ ସାମରିକ ସୁବେଦାର(ମେଜର) ପ୍ରସନ୍ନ ନାୟକଙ୍କୁ ଗିରଫ କରିଛି। ପ୍ରସନ୍ନଙ୍କ ଘର ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମ ହୋଇଥିବା ବେଳେ ଜଟଣୀ ଅରଗୁଲସ୍ଥିତ ଆଇଆଇଟିରେ ସିକ୍ୟୁରିଟି ଗାର୍ଡ ଭାବେ ଏବେ କାର୍ଯ୍ୟ କରୁଛନ୍ତି। ତେବେ ଅଭିଯୁକ୍ତଙ୍କଠାରୁ ଗୋଟିଏ ବନ୍ଧୁକ, ୪୩ଟି ଗୁଳି ଓ ବାଇକ୍ ଜବତ ହୋଇଛି। ଟଙ୍କା କାରବାରକୁ ନେଇ ଏହି ଗୁଳିମାଡ଼ ହୋଇଥିବା ପୋଲିସ କହିଛି।

ସୂଚନା ମୁତାବକ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ପ୍ରସନ୍ନ ବେଗୁନିଆ ନୂଆସାହିସ୍ଥିତ ଆଦିତ୍ୟ ପ୍ରସାଦ ରଥଙ୍କ ଘରକୁ ଆସିଥିଲେ। ସେଠାରେ ଟଙ୍କା ନେଣଦେଣକୁ ନେଇ ଆଦିତ୍ୟଙ୍କ ସ୍ତ୍ରୀ ବିଦ୍ୟୁତ୍


ଗିରଫ ଅଭିଯୁକ୍ତ ଏବଂ ଜବତ ବନ୍ଧୁକ।

ପ୍ରଭାଙ୍କ ସହିତ ବଚସା ହୋଇଥିଲା। ଏହି ସମୟରେ ବିଦ୍ୟୁତ୍ ପ୍ରଭାଙ୍କ ଘରେ ଭଡାରେ ରହୁଥିବା ସମ୍ପର୍କୀୟ ଭାଇ ବିଭୂତି ଭୂଷଣ ପହଞ୍ଚି ପାଟିତୁଣ୍ଡକୁ ବାରଣ କରିଥିଲେ। ଏନେଇ ମଧ୍ୟ ପ୍ରସନ୍ନ ଓ ବିଭୂତି ଭୂଷଣଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ପ୍ରସନ୍ନ ଉତ୍ତ୍ୟକ୍ତ ହୋଇ ପାଖରେ ରଖିଥିବା ବନ୍ଧୁକକୁ ବାହାର କରି ବିଭୂତିଭୂଷଣଙ୍କ ଉପରକୁ ଏକ ରାଉଣ୍ଡ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଫଳରେ ବିଭୁତି ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଅସ୍ତ୍ରୋପଚାର ପରେ ବିଭୂତିଙ୍କ ପେଟରୁ ଗୁଳି ବାହାର କରାଯାଇଥିବା ଜଣାପଡ଼ିଛି। ଏନେଇ ଅଭିଯୋଗ ପରେ ଦଫା ୪୫୨/୩୦୭/୨୯୪/ଆଇପିସି ୨୫/୨୭ ଆର୍ମସ ଆକ୍ଟରେ ଥାନାରେ ଏକ ମାମଲା(ନଂ.୨୦୪/୨୧)ରୁଜୁ ହୋଇଛି। ଏସ୍‌ପି ରାଜକିଶୋର ଦୋରାଙ୍କ ନିର୍ଦ୍ଦେଶକ୍ରମେ ସଦର ଏସଡିପିଓ ସୁଶୀଲ କୁମାର ମିଶ୍ର, ବେଗୁନିଆ ଥାନାଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀଙ୍କୁ ନେଇ ୨ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଘଟଣାର ୨ଘଣ୍ଟା ମଧ୍ୟରେ ପୋଲିସ ପ୍ରସନ୍ନଙ୍କୁ ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି।

### ୧୮ ପର୍ଯ୍ୟନ୍ତ ବର୍ଷା, ବଜ୍ରପାତ

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ):** ରାଜ୍ୟରେ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ୧୭ରେ ଉପକୂଳ ଓଡ଼ିଶା, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ଅଞ୍ଚଳ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। କିନ୍ତୁ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ ଯାଜପୁରରେ ପ୍ରବଳ ବର୍ଷା ହେବ।


ଲଗାଣ ବର୍ଷା ଯୋଗୁ ଖୋର୍ଦ୍ଧା ଗୁରୁଜଙ୍ଗର ଦେୱାନ ସାହିରେ ପାଣି ଜମି ରହିଛି।

## ଗହୀରରୁ ଯୁବକଙ୍କ ମୃତଦେହ ଜବତ

**ଖୋର୍ଦ୍ଧା ଅଫିସ,୧୬।୧୦**

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ବେରୁଆଁ ଗ୍ରାମର ଏକ ଗହୀରରୁ ଶୁକ୍ରବାର ସକାଳେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ମୃତଦେଦ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ କେହି ହତ୍ୟା ପରେ ତାଙ୍କୁ ଏଠାରେ ଫୋପାଡି ଦେଇଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ଶୁକ୍ରବାର ଦଶହରା ପାଇଁ ଚାରିଆଡେ ଉତ୍ସାହ ଲାଗି ରହିଥିଲା। ସକାଳେ ଏହି ଗ୍ରାମର ରାସ୍ତାପାର୍ଶ୍ୱ ଗହୀର ହୁଡା ତଳେ ଜମିଥିବା ପାଣିରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ଆଦର୍ଶଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଯୁବକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ସେ ଏକ କଳା ରଙ୍ଗର ଫୁଲ ସ୍ଲାକ୍ସ ପ୍ୟାଣ୍ଟ ଏବଂ ଏକ ଆଂଶିକ ମାଟିଆ କଲର ଟି-ଶାର୍ଟ ପିନ୍ଧିଥିଲେ। ଏଥିସହ ଯୁବକଙ୍କ ଡାହାଣ ହାତରେ ଏକ ନାଗସାପ ଏବଂ ଉଡନ୍ତା ହନୁମାନଙ୍କ ଚିତ୍ର ଓ ସୋନୁ ବୋଲି ନାଁ ଲେଖାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣା ସମ୍ପର୍କରେ ଜଣାପଡିବ ବୋଲି ପୋଲିସ କହିଛି।

## ୨ କେଜି ନକଲି ସୁନା ଜବତ, ୨ ଗିରଫ

**ଭୁବନେଶ୍ୱର,୧୬।୧୦(ବ୍ୟୁରୋ)**

ଅସଲି ସୁନା ଅଳଙ୍କାର ଦେଖାଉଥିଲେ। ହେଲେ କୌଶଳକ୍ରମେ ନକଲି ଦେଇ ଠକୁଥିଲେ। ଏଭଳି ଠକେଇ କରୁଥିବା ଏକ ଗ୍ୟାଙ୍ଗ୍‌ର ୨ଜଣଙ୍କୁ ଗିରଫ କରିଛି ଶହୀଦନଗର ଥାନା ପୋଲିସ। ସେମାନେ ହେଲେ ଛତିଶଗଡ଼ର ମୋହନ ସୁଲାଙ୍କୀ(୫୦) ଓ ଘନଶ୍ୟାମ ସୁଲାଙ୍କୀ(୫୦)। ସେମାନଙ୍କଠାରୁ ୨ କେଜି ନକଲି ସୁନା ଅଳଙ୍କାର ଜବତ ହୋଇଛି। ୫ ହଜାର ଟଙ୍କାର ଅସଲି ସୁନା ଦେଖାଇ ନକଲି ସୁନାକୁ ୫୦ଲକ୍ଷ ଟଙ୍କାରେ ବିକ୍ରି ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ଧରିଥିଲା। ସୂଚନା ମୁତାବକ, ମୋହନ ଓ ଘନଶ୍ୟାମ ନକଲି ସୁନା ବିକ୍ରି କରିବାକୁ ବିଭିନ୍ନ ବସ୍ ଷ୍ଟପ ଓ ରେଳ ଷ୍ଟେଶନରେ ଘୁରି ବୁଲି ଲୋକଙ୍କୁ ଟାର୍ଗେଟ କରୁଥିଲେ। ପ୍ରଥମେ ଅସଲି ସୁନାର ସାମ୍ପଲ ଦେଇ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲେ। ଏପରି କି ବଜାର ମୂଲ୍ୟଠାରୁ ଅଧା ଦାମ୍‌ରେ ସୁନା ଦେବେ ବୋଲି କହୁଥିଲେ। ଯିଏ ଲୋଭରେ ପଡି କିଣିବାକୁ ଚାହୁଁଥିଲେ, ଦୁଇ

**ଅସଲି ଦେଖାଇ ନକଲି ବିକ୍ରି କରୁଥିଲେ**

ଠକ ସେମାନଙ୍କଠାରୁ ଟଙ୍କା ପାଇବା ପରେ କୌଶଳକ୍ରମେ ନକଲି ସୁନା ଧରାଇ ଚମ୍ପଟ ମାରୁଥିଲେ। ଏମିତି ଢ଼ଙ୍ଗରେ ଏହି ଦୁଇଜଣ ଜୟଦେବବିହାର ବସ୍ ଷ୍ଟପ୍‌ରେ ଜଣେ ବ୍ୟବସାୟୀଙ୍କୁ ୫୦ ଲକ୍ଷ ଟଙ୍କାର ସୁନାକୁ ୧୫ ଲକ୍ଷରେ ବିକ୍ରି କରିବେ ବୋଲି କହି ଫସାଉଥିଲେ। ଖବର ପାଇ ଶହୀଦନଗର ଥାନା ପୋଲିସ ସେଠାରେ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା। ପୋଲିସ ସେମାନଙ୍କଠାରୁ ୨ କିଲୋ ଓଜନର ନକଲି ସୁନା ଓ ୫ ହଜାର ଟଙ୍କାର ଅସଲି ସୁନା ସମେତ ୨ଟି ମୋବାଇଲ ଫୋନ୍ ଜବତ କରିଥିଲା। ଆଗକୁ ଧନତେରାସ ଥିବାରୁ ଲୋକଙ୍କୁ ଠକିବା ଲାଗି ଏମାନେ ଭୁବନେଶ୍ୱରରେ ଡ଼େରା ପକାଇଥିବା କହିଥିଲେ। ଏମାନେ ଏପରି ଆଉ କାହାକୁ ଠକିଛନ୍ତି ଓ ତାଙ୍କ ର୍‍ୟାକେଟରେ କେଉଁମାନେ ଅଛନ୍ତି ସେନେଇ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି।

## ୨ ମୋବାଇଲ ଲୁଟେରା ଗିରଫ

**ଝାଁଳା,୧୬।୧୦(ଡି.ଏନ୍.ଏ.)**

ଝାଁଳା ଫାଣ୍ଡି ପୋଲିସ ୨ଜଣ ମୋବାଇଲ ଫୋନ ଲୁଟେରାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ସୁଶାନ୍ତ ବେହେରା ଓରଫ୍ ବାପିନା(୨୪) ଏବଂ ଚଚେରା ସାହି ଖୋର୍ଦ୍ଧାର ପ୍ରକାଶ ଦେହୁରି(୨୬)। ଏମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଓ ବାଇକ୍ ଜବତ ହୋଇଛି। ଜାତୀୟ ରାଜପଥରେ ଯାଉଥିବା ଲୋକଙ୍କଠାରୁ ମୋବାଇଲ ଲୁଟି ନେଉଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିବା ପୋଲିସ କହିଛି।

# ନାଲସିଂହରେ ୧୫ ଟିକିଆ ହାତୀପଲ


ନାଲସିଂହ ଜଙ୍ଗଲ ନିକଟରେ ବୁଲୁଥିବା ହାତୀପଲ।

**ନିରାକାରପୁର,୧୬।୧୦(ଡି.ଏନ୍.ଏ.)**

- ଫସଲ ନଷ୍ଟ, ଗ୍ରାମବାସୀ ଭୟଭୀତ
- ବନ ବିଭାଗ ଦୃଷ୍ଟିଦେବାକୁ ଦାବି

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଶୁକ୍ରବାର ରାତିରେ ପଟିଆରୁ ୧୫ ଟିକିଆ ହାତୀପଲ୍ଲ ଆସି ଅଚ୍ୟୁତପୁର ପଞ୍ଚାୟତ ନାଲସିଂହ ଜଙ୍ଗଲରେ ରହିଥିବା ଜଣାପଡ଼ିଛି। ଫଳରେ ସ୍ଥାନୀୟ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏମାନଙ୍କୁ ଘଉଡାଇବା ଲାଗି ସାଧାରଣରେ ଦାବି ହେଉଛି। ପ୍ରକାଶ ଯେ, ଦୀର୍ଘଦିନ ହେବ ଟାଙ୍ଗୀ ବନାଞ୍ଚଳରେ ୨ ଓ ଗୟାବନ୍ଧ ଜଙ୍ଗଲରେ ୬ ହାତୀ ରହିଆସୁଥିଲେ। ଏମାନେ ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ବଘେଇପୁଟ, ନାରଗଦା, କମାଗୁରୁ, ନିଧିପୁର, ମୁକ୍ତାପୁର, ଗୟାବନ୍ଧ, ଗୋଳବାଇ, ଗୋଡିପଡା, ଟାଙ୍କୋଳ, କଲରାଝର ହଜ, ସିକୋ ଆଦି ଅଞ୍ଚଳରେ ପଶି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଏଥିସହିତ ଘର ଭାଙ୍ଗୁଥିବା ନଜିର ରହିଛି। ଫଳରେ ସ୍ଥାନୀୟ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିବା ସହ ସନ୍ଧ୍ୟା ହେଲେ ଘରୁ ବାହାରୁ ନ ଥିବା ଜଣାପଡ଼ିଛି। ଏନେଇ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପଣ୍ଡା କହିଛନ୍ତି, ପୂର୍ବରୁ ୬ ହାତୀ ରହିଥିବା ବେଳେ ଏବେ ପଟିଆ ଅଞ୍ଚଳରୁ ଆଉ ୧୫ ହାତୀ ଆସିଛନ୍ତି। ନାଲସିଂହଠାରେ ୧୯ ହାତୀ ଥିବା ବେଳେ ନାରଗଦାରେ ୨ ରହିଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ହାତୀଙ୍କୁ ଘଉଡ଼ାଇବା ପାଇଁ ବନବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ଭୂଷଣ୍ଡପୁର ଫରେଷ୍ଟର ସିଧୁଚରଣ ସିଂ କହିଛନ୍ତି।






**ଗୁଳିମାଡ଼: ପୂର୍ବତନ ସେନା ଅଧିକାରୀ ଗିରଫ**

ଖୋର୍ଦ୍ଧା ଅଫିସ: ପବିତ୍ର ଦଶହରାରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ନୂଆସାହିରେ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବିଭୂତି ଭୂଷଣ ଜେନା। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ପୂର୍ବତନ ସାମରିକ ସୁବେଦାର(ମେଜର) ପ୍ରସନ୍ନ ନାୟକଙ୍କୁ ଗିରଫ କରିଛି। ପ୍ରସନ୍ନଙ୍କ ଘର ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମ ହୋଇଥିବା ବେଳେ ଜଟଣୀ ଅରଗୁଳସ୍ଥିତ ଆଇଆଇଟିରେ ସିକ୍ୟୁରିଟି ଗାର୍ଡ ଭାବେ ଏବେ କାର୍ଯ୍ୟ କରୁଛନ୍ତି। ତେବେ ଅଭିଯୁକ୍ତଙ୍କଠାରୁ ଗୋଟିଏ ବନ୍ଧୁକ, ୪୩ଟି ଗୁଳି ଓ ବାଇକ୍ ଜବତ ହୋଇଛି। ଟଙ୍କା କାରବାରକୁ ନେଇ ଏହି ଗୁଳିମାଡ଼ ହୋଇଥିବା ପୋଲିସ କହିଛି।




**ହଜିଥିବା ଜିନିଷ ପାଇଲେ ଯାତ୍ରୀ**

ପୁରୀ ଅଫିସ ୧୬।୧୦–ପୁରୀ ରେଲୱେ ପୋଲିସର ସହାୟତାରେ ଯାତ୍ରୀଙ୍କ ହଜିଥିବା ଜିନିଷ ପାଇଛନ୍ତି। ଯାତ୍ରୀ ରିତେଶ ଚତୁର୍ବେଦୀ ଓ ତାଙ୍କ ସ୍ତ୍ରୀ ଶନିବାର ଆନ୍ଧ୍ର ପ୍ରଦେଶରୁ ପୁରୀ ତିରୁପତି – ପୁରୀ ଟ୍ରେନ ଯୋଗେ ଆସୁଥିଲେ। ବାଟରେ ଟଙ୍କା, ଫୋନ ଥିବା ତାଙ୍କ ଭ୍ୟାନିଟି ବ୍ୟାଗ ଚୋରି ହୋଇଯାଇଥିଲା। ପୋଲିସକୁ ଜଣାଇବା ପରେ ମୋବାଇଲକୁ ଟ୍ରାକ କରି ଉକ୍ତ ଟ୍ରେନରେ ଥିବା ଜାଣିପାରି ଆଣି ଯାତ୍ରୀଙ୍କୁ ଫେରାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୧୦।୨୦୨୧

| ୩,୯୧,୮୯୩ ଟଙ୍କା | |
|---|---|
| ସୁନା | ୮୦୦ ମିଲି ଗ୍ରାମ |
| ରୁପା | ୮୦.୬୪୦ ଗ୍ରାମ |

# ସିଂହଦ୍ୱାର ସମ୍ମୁଖରେ ଦେବୀସଭା

**ପୁରୀ ଅଫିସ,୧୬।୧୦**

ଧରାପୃଷ୍ଠରୁ ବିଦାୟ ନେଇଛନ୍ତି ଜଗଜ୍ଜନନୀ ମା' ଦୁର୍ଗା। ଦଶହରା ସନ୍ଧ୍ୟାରେ ମା' ବିମଳାଙ୍କ ପ୍ରତିନିଧି ଭାବେ ପୂଜିତ ମା' କାକୁଡିଖାଇଙ୍କ ବିଗ୍ରହ ସମେତ ସହରରେ ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ମୃଣ୍ମୟୀ ଦୁର୍ଗାଙ୍କ ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ଏକାଦଶୀ ଅବସରରେ ଶ୍ରୀକ୍ଷେତ୍ରରେ ଗୋସାଣୀ ଭସାଣି ପର୍ବ ଅନୁଷ୍ଠିତ ହୋଇଛି। ଶନିବାର ସନ୍ଧ୍ୟାରେ ପୁରୀ ସହରର ବିଭିନ୍ନ ମଣ୍ଡପରୁ ଗୋସାଣି, ନାଗା ପ୍ରଭୃତି ମୂର୍ତ୍ତିଙ୍କୁ ସିଂହଦ୍ୱାରକୁ ଅଣାଯାଇ ହୋଇଥିଲା ଦେବୀ ସଭା। ଏହାପରେ ଗୋସାଣୀ, ନାଗାମାନଙ୍କୁ ନେଇ ମଙ୍ଗଳାଘାଟ ନିକଟ ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା। ପ୍ରତିବର୍ଷ ମଣ୍ଡପରୁ ଗୋସାଣୀ ଏବଂ ନାଗାଙ୍କୁ ଶୋଭାଯାତ୍ରାରେ ଆଣିବା ସମୟରେ ବାଜାବାଣରେ ଦୁଲୁକିଥାଏ ସହର, ହେଲେ କୋଭିଡ କଟକଣା ଯୋଗୁ ୨ବର୍ଷ ହେବ କଟକଣା ମଧ୍ୟରେ ଦେବୀ ସଭା ସହ ଭସାଣି ଅନୁଷ୍ଠିତ ହୋଇଛି। ପ୍ରଶାସନ ପକ୍ଷରୁ ମରିଚିକୋଟ ଛକଠାରୁ ସିଂହଦ୍ୱାର ଏବଂ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ଲାଗିଥିଲା। ପ୍ରତ୍ୟେକ ଗୋସାଣି ସହ ୭ ଜଣଙ୍କୁ ଅନୁମତି ଦିଆଯାଇଥିଲା। ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ହରଚଣ୍ଡି ସାହିର ବାରବାଟି ଗୋସାଣୀ, ଦୋଳମଣ୍ଡପ ସାହି ଜହ୍ନିଖାଇ ଗୋସାଣୀ ସମେତ ମଣିକର୍ଣ୍ଣିକା ସାହିର ବନଦୁର୍ଗା, ଗେଲବାଇ, ଶୂନ୍ୟ ଗୋସାଣୀ, ବାସେଳି ସାହିର ବନଦୁର୍ଗା, ଭୋଗଜାଗା ଗୋସାଣୀ, ଜହ୍ନିଖାଇ ପ୍ରମୁଖ ମେଳଣରେ ସାମିଲ ହୋଇ ଭସାଣିକୁ ଯାଇଥିଲେ। ସେହିପରି ବିଭିନ୍ନ ସାହିର ନାଗା ମୂର୍ତ୍ତି ମଧ୍ୟ ସାମିଲ ହୋଇଥିଲେ। ତେବେ ପଶ୍ଚିମଦ୍ୱାର ନାଗା ଦେବୀ ସଭାକୁ ଆସିବା ସମୟରେ ପଶ୍ଚିମଦ୍ୱାର ନିକଟରେ ନାଗା ମୂର୍ତ୍ତିଟି ଖସିଯିବାରୁ ତଳେ ପଡ଼ି ଭାଙ୍ଗିଯାଇଥିଲା। ସଭାର ଆକର୍ଷଣ ଥିଲା ମାର୍କଣ୍ଡେଶ୍ୱର ସାହିର ସମ୍ପାତ୍ତି ଚଢ଼େଇ ଓ ବୁଢାବୁଢୀ। ଶ୍ରୀମନ୍ଦିରରେ ମହାଦୀପ ଉଠିବା ପରେ ଗୋସାଣୀଙ୍କ ବିସର୍ଜନ ଆରମ୍ଭ ହୋଇଥିଲା। ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ପୁରୀ ସିଂହଦ୍ୱାର ସମ୍ମୁଖରେ ଦେବୀ ସଭାରେ ସମ୍ମିଳିତ ହୋଇଥିବା ଦୁର୍ଗାମେଢ଼ ।

## ଖବରଦାତାଙ୍କୁ ସଂଘବଦ୍ଧ ଆକ୍ରମଣ, ୩ ଗିରଫ

**ନିମାପଡ଼ା,୧୬।୧୦(ଡି.ଏନ୍.ଏ.):**

ନିମାପଡ଼ା ଥାନା ଅଧୀନ ରଚିଲୋ ଛକରେ ଜଣେ ଖବରଦାତାଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ରଚିଲୋ ଛକର ସୁବ୍ରତ ପ୍ରଧାନ, ତାପସ ପ୍ରଧାନ ଓ ଚନ୍ଦନ ପଣ୍ଡା। ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ରଚିଲୋ ଛକରେ ଜଣେ ଯୁବତୀଙ୍କୁ ଜଣେ ଯୁବକ ଅଶାଳୀନ ମନ୍ତବ୍ୟ ଦେଉଥିଲେ। ଖବରପାଇ ପୋଲିସ ପହଞ୍ଚି ଯୁବକଙ୍କୁ ଥାନାକୁ ନେଉଥିଲେ। ଏହି ସମୟରେ ଖବରଦାତା ବିଶ୍ୱଜିତ ମିଶ୍ର ଯୁବକଙ୍କ ଫଟୋ ଉଠାଇବା ବେଳେ ସ୍ଥାନୀୟ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଯୁବକ ଆସି ତାଙ୍କୁ ଘେରିଯାଇ ଗାଳିଗୁଲଜ କରିବା ସହ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏପରି କି ତାଙ୍କ ମୋବାଇଲ ଫୋନ ଓ ୩ହଜାର ଟଙ୍କା ଲୁଟି ନେଇଥିଲେ। ଘଟଣାସ୍ଥଳରେ ଅନ୍ୟ ୨ ଖବରଦାତା ରଞ୍ଜନ ଦାସ ଓ ଅଶୋକ ବେହେରା ପହଞ୍ଚି ଆକ୍ରମଣକାରୀଙ୍କଠାରୁ ଖବରଦାତା ମିଶ୍ରଙ୍କୁ ଉଦ୍ଧାର କରିଥିଲେ। ତଥାପି ଗଣ୍ଡଗୋଳ କରୁଥିବା ଯୁବକମାନେ ୨ ଖବରଦାତାଙ୍କ ସହ ଜଣେ ହୋମଗାର୍ଡଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିଲେ। ପରେ ଖବରଦାତା ମିଶ୍ରଙ୍କୁ ହସ୍ପିଟାଲ ନିଆଯାଇଥିଲା। ଏହି ଘଟଣାକୁ ନେଇ ମିଶ୍ର ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୬୯/୨୧) ରୁଜୁ କରି ୩ଜଣଙ୍କୁ ଗିରଫ କରିଛି। ଏ ଘଟଣାକୁ ନିମାପଡ଼ାର ସମସ୍ତ ଖବରଦାତା ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିମାପଡ଼ା ପ୍ରେସ କ୍ଲବ ପକ୍ଷରୁ ଏସ୍‌ଡିପିଓ ଓ ଆଇଆଇସିଙ୍କ ନିକଟରେ ଦାବି କରାଯାଇଛି।

## ପ୍ରକାଶ ପାଇଲା ଓଏସ୍ଏସ୍‌ଟିଇଟି ପରୀକ୍ଷାଫଳ

**କଟକ,୧୬।୧୦**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ସେକେଣ୍ଡାରି ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍ଏସ୍‌ଟିଇଟି) ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟ୍‌ରେ ନିଜ ନାମ ଏବଂ ରୋଲ ନମ୍ବର ଉଲ୍ଲେଖ କରି ପରୀକ୍ଷାଫଳ ଦେଖିପାରିବେ ବୋଲି ବୋର୍ଡ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ସୂଚନାଥାଉ କି, ଏହି ପରୀକ୍ଷା ପାଇଁ ପ୍ରାର୍ଥୀମାନେ ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିଥିଲେ। ଅଗଷ୍ଟ ୨୫ ତାରିଖରେ ସେମାନଙ୍କୁ ଆଡ୍‌ମିଟ କାର୍ଡ ପ୍ରଦାନ କରାଯାଇଥିଲା। ଅଗଷ୍ଟ ୩୧ ତାରିଖରେ ଏହି ପରୀକ୍ଷା ହୋଇଥିଲା। ୨୮ ପରୀକ୍ଷା କେନ୍ଦ୍ରରେ ପ୍ରାୟ ୫୩ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।



ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶନିବାର ବଡ଼ଦାଣ୍ଡରେ ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ଅପେକ୍ଷା କରିଛନ୍ତି ।

# ଅଭିଯୋଗ ଦାଖଲ ସମୟସୀମା ସରିଲା

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଚିଠା ପ୍ରସ୍ତାବ**

**ପୁରୀ ଅଫିସ,୧୬।୧୦:**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇଥିବା ଚିଠା ପ୍ରସ୍ତାବ ଉପରେ ଅଭିଯୋଗ ଗ୍ରହଣ ଶେଷ ହୋଇଛି। ୧୬ ତାରିଖ ଅଭିଯୋଗ ଗ୍ରହଣର ଶେଷ ତାରିଖ ଥିବାବେଳେ ସମୁଦାୟ ୨୭୬ଟି ଅଭିଯୋଗ ଜିଲା ପଞ୍ଚାୟତ ଅଧିକାରୀଙ୍କ ପାଖରେ ପହଞ୍ଚିଛି। ପଞ୍ଚାୟତ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୩ଟି ବ୍ଲକ୍ ଅଧ୍ୟକ୍ଷ, ୪୨ ପଞ୍ଚାୟତ ସମିତି, ୧୧୧ଟି ସରପଞ୍ଚ ଓ ୧୧୮ଟି ୱାର୍ଡମେମ୍ବର ଆସନ ପାଇଁ ଅଭିଯୋଗ ଗ୍ରହଣ ହୋଇଛି। ସେହିଭଳି ଗତ ୧୧ ତାରିଖରେ ୧୩ଟି, ୧୨ ତାରିଖରେ ୩୩ଟି, ୧୩ ତାରିଖରେ ୧୦, ୧୪ ତାରିଖରେ ୨୨ଟି, ୧୫ ତାରିଖରେ ୧୮ ଓ ଶେଷ ଦିନରେ ୧୭୮ଟି ଅଭିଯୋଗ ଦାଖଲ ହୋଇଛି। ଏହି ଅଭିଯୋଗ ଉପରେ ଶୁଣାଣି ଆସନ୍ତା ୨୬ ତାରିଖ ମଧ୍ୟରେ ଶେଷ କରି ଚୂଡ଼ାନ୍ତ ରିପୋର୍ଟ ନିର୍ବାଚନ କମିଶନକୁ ଦାଖଲ କରାଯିବ ବୋଲି ଜିଲା ପଞ୍ଚାୟତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା କହିଛନ୍ତି। ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ ହୋଇଥିବା ନେଇ ସୂଚନା ମିଳିଛି।

# ସେବାୟତ ଆକ୍ରମଣରେ କୋର୍ଟ କର୍ମଚାରୀଙ୍କ ଆଙ୍ଗୁଠି କଟିଲା

**ପୁରୀ ଅଫିସ,୧୬।୧୦:**

ପୁରୀ କୋର୍ଟର ସହକାରୀ ନାଜିର ଶଙ୍କର୍ଷଣ ଗୁରୁ ଶ୍ରୀମନ୍ଦିର ସେବାୟତଙ୍କ ଆକ୍ରମଣରେ ଗୁରୁତର ହୋଇ କଟକର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଶ୍ରୀମନ୍ଦିରରେ ବେତ ଧରି ଠିଆ ହୋଇଥିବା ସେବାୟତ ତାଙ୍କୁ ଧକ୍କା ମାରି ତଳେ ପକାଇବା ସହ ରେଲିଂ ବନ୍ଦ କରିବା ବେଳେ ଶଙ୍କର୍ଷଣଙ୍କ ହାତ ପଶିଯିବାରୁ ଆଙ୍ଗୁଠି କଟିଯାଇଛି। ଆଙ୍ଗୁଠିର ଉପର ଭାଗ ନଷ୍ଟ ହୋଇଯାଇଥିବା ବେଳେ କଟକର ଘରୋଇ ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଇ ପ୍ଲାଷ୍ଟିକ ସର୍ଜରି କରାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବିଭିନ୍ନ ରାଜ୍ୟର ବିଚାରପତି ଶନିବାର ଶ୍ରୀମନ୍ଦିର ଦର୍ଶନ ପାଇଁ ପୁରୀ ଆସିଥିବା ବେଳେ ଶଙ୍କର୍ଷଣ ଅତିଥି ସତ୍କାର ଉଦ୍ଦେଶ୍ୟରେ ତାଙ୍କ ସହ ଯାଇଥିଲେ। ଶ୍ରୀମନ୍ଦିର ନିକଟରେ ଭିଆଇପିଙ୍କ ପାଇଁ ରାସ୍ତାରେ ବିଚାରପତିମାନେ ଭିତରକୁ ଯାଇଥିବା ବେଳେ ଦୁଆରରେ ଶଙ୍କର୍ଷଣ ଓ ଅନ୍ୟ କେତେଜଣ କୋର୍ଟ କର୍ମଚାରୀ ରହିଗଲେ। ଏହାପରେ ଦ୍ୱାରରେ ଥିବା ସେବାୟତ ସେମାନଙ୍କୁ ଭିତରକୁ ନ ଛାଡ଼ିବା ସହ ଗାଳିଗୁଲଜ କରି ଧକ୍କା ଦେଇଥିଲେ। ଶଙ୍କର୍ଷଣଙ୍କୁ ଧକ୍କା ଦେବାରୁ ତାଙ୍କ ଆଙ୍ଗୁଠି ରେଲିଂରେ ପଡ଼ିଯାଇଥିଲା। ରେଲିଂକୁ ବନ୍ଦ କରିବାକୁ ଯିବାବେଳେ ଆଙ୍ଗୁଠିଟି କଟିଯାଇଥିଲା। ଏହାପରେ ତାଙ୍କୁ ପ୍ରଥମେ ଆଶୁଚିକିତ୍ସା କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ଏ ନେଇ ସିଂହଦ୍ୱାର ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ। ମାମଲାକୁ ଗଣମାଧ୍ୟମଠାରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଚାପ ପକାଇଥିବା ଓ ଏହାକୁ ଆସନ୍ତା ଦିନରେ ରଫାଦଫା କରିବା ନେଇ ମଧ୍ୟ ପ୍ରୟାସ ହେଉଥିବା ଅଭିଯୋଗ ହୋଇଛି। ମିଳିଥିବା ଖବର ଅନୁଯାୟୀ, ରବିବାର ଏସ୍‌ପି ଓ ଜିଲାପାଳଙ୍କ ସହ ଜିଲା ଜଜ ଏସମ୍ପର୍କରେ ଆଲୋଚନା କରିବେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ସତ୍ୟବ୍ରତ ପରିଡ଼ାଙ୍କ କହିବା ଅନୁଯାୟୀ, ସମ୍ପୃକ୍ତ ବ୍ୟକ୍ତି ଗୁରୁତର ଅବସ୍ଥାରେ ହସ୍ପିଟାଲରେ ପହଞ୍ଚିଥିଲେ। ଏନେଇ ସିଂହଦ୍ୱାର ଥାନାରେ ତୁରନ୍ତ ମାମଲା ରୁଜୁ ହେବା କଥା। ମାତ୍ର ଏପର୍ଯ୍ୟନ୍ତ ମାମଲା ରୁଜୁ ନ ହେବା ନିନ୍ଦନୀୟ। ଏ ସମ୍ପର୍କରେ ସିଂହଦ୍ୱାର ଥାନା ଆଇଆଇସିଙ୍କଠାରୁ କୌଣସି ସୂଚନା ମିଳିପାରି ନାହିଁ।

## ସଂକ୍ଷେପରେ

### ସ୍ତ୍ରୀର ଗଳାକାଟି ସ୍ୱାମୀର ଆତ୍ମହତ୍ୟା

ପିପିଲି,୧୬।୧୦(ସ୍ୱ.ପ୍ର.): ପାରିବାରିକ କଳହକୁ ନେଇ ସ୍ତ୍ରୀର ଗଳା କାଟିବା ପରେ ସ୍ୱାମୀ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏଭଳି ଘଟଣା ପିପିଲି ତେଇଶିପୁର ପଞ୍ଚାୟତର ନିର୍ମଳା ଗ୍ରାମରେ ଶନିବାର ଦେଖିବାକୁ ମିଳିଛି। ମୃତକ ହେଲେ ଉକ୍ତ ଗ୍ରାମର ବ୍ରଜକିଶୋର ସାହୁ(୬୨)। ହେଲେ ଏହି ଘଟଣାରେ ବ୍ରଜଙ୍କ ସ୍ତ୍ରୀ ସାବିତ୍ରୀ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ସାତସଙ୍ଖ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ବ୍ରଜକିଶୋରଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛନ୍ତି। ପିପିଲି ଥାନାଧିକାରୀ ଅଭିମନ୍ୟୁ ନାୟକ ଘଟଣାକୁ ଗୁରୁତର ସହ ନେଇ ଏକ ମାମଲା( ନଂ ୧୬/୨୧) ରୁଜୁ କରି ତଦନ୍ତ ଚଳାଇଛନ୍ତି। ପୋଲିସ ସୂଚନା ମୁତାବକ, ଭୋର ସମୟରେ ବ୍ରଜକିଶୋରଙ୍କ ଶୋଇବା ଘରେ ସ୍ତ୍ରୀ ସାବିତ୍ରୀଙ୍କ ପାଟିତୁଣ୍ଡ ହେବା ସହ ଚିତ୍କାର ଶୁଭିଥିଲା। ତେବେ ଅନ୍ୟ ଘରେ ଶୋଇଥିବା ପୁଅ ଓ ପରିବାର ସଦସ୍ୟମାନେ ଆସି ଦେଖିଲା ବେଳେ ବ୍ରଜକିଶୋର କୌଣସି ଏକ ଧାରୁଆ ଅସ୍ତ୍ରରେ ସାବିତ୍ରୀଙ୍କ ବେକକୁ କାଟି ଦେଇଛନ୍ତି। ପ୍ରବଳ ରକ୍ତସ୍ରାବ ହେବା ଦେଖି ପରିବାର ଲୋକେ ମା'ଙ୍କୁ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେଠାରେ ସାବିତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପଟେ ବାପା ବ୍ରଜକିଶୋର ଅନୁତାପ କରିବା ସହ ନିଜ ମାନସିକ ଭାରସାମ୍ୟ ହରାଇ ଶୋଇବା ଘରେ ଥିଲେ। ପରେ ପରିବାର ଲୋକ ଦେଖିବାବେଳେ ସେ ଫ୍ୟାନରେ ପ୍ଲାଷ୍ଟିକ ଦୌଡି ସାହାଯ୍ୟରେ ବେକରେ ଲଗାଇ ଝୁଲୁଥିଲେ। ପରିବାର ଲୋକେ ପୋଲିସକୁ ଜଣାଇବା ସହ ବାପାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବ୍ରଜକିଶୋରଙ୍କ ସାନପୁଅ କବିନ୍ଦ୍ର ସାହୁ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଦଶହରାରେ ମହାପ୍ରଭୁଙ୍କ ସୁନାବେଶ

ପୁରୀ ଅଫିସ, ୧୬।୧୦- ଶ୍ରୀମନ୍ଦିରରେ ଦଶହରା ଉତ୍ସବ ପରେ ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଅବକାଶ ନୀତି ପରେ ତିନିବାଡ଼ରେ ଚନ୍ଦନ ଲଗାଯାଇ ନୂଆ ଲୁଗା ଲାଗି କରାଯାଇ ସୁନାବେଶ କରାଯାଇଥିଲା। ତେବେ ବେଶ ସମୟରେ ଶ୍ରୀବିଗ୍ରହଙ୍କୁ ଆୟୁଧ ଲାଗି କରାଯାଇ ନ ଥିଲା। ବେଶ ବଢି ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ଅନ୍ୟପଟେ ଶ୍ରୀମନ୍ଦିରରେ ଆୟୁଧ ପୂଜାନୀତି ମଧ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। ଏହି ବେଶରେ ପାଞ୍ଚଖଣ୍ଡ ଆଜ୍ଞାମାଳ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଥିଲା। ସକାଳଧୂପ ସରିବା ପରେ ଆୟୁଧଙ୍କୁ ମହାସ୍ନାନ ପୂର୍ବକ ବରୁଣ ପୂଜା କରାଯାଇଥିଲା। ପାଳିଆ ମେକାପ ୩ଟି ରୁପାଥାଳିରେ ଆୟୁଧ ରଖି ତଲୁଛ ଓ ପ୍ରଧାନୀ ସେବାୟତଙ୍କ ସହ ତିନିଥର ବଡ଼ଦେଉଳକୁ ପରିକ୍ରମା କରିବା ପରେ ପୁଷ୍ପାଳକ ବଳଭଦ୍ରଙ୍କ ବାଡ଼ରେ ହଳ ମୁଷଳ, ସୁଭଦ୍ରାଙ୍କ ବାଡ଼ରେ ସୁବର୍ଣ୍ଣ ତଡକୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଶଙ୍ଖ ଚକ୍ର ଆୟୁଧ ଲାଗି କରିଥିଲେ। ପରେ ମଦନମୋହନ ଓ ରାମକୃଷ୍ଣ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ମହାଖଳାକୁ ବିଜେ କରିବା ନିମନ୍ତେ ବୀର ବେଶ ଧାରଣ କରିଥିଲେ। ନୀତି ସମ୍ପନ୍ନ ହେବା ପରେ ମଦନ ମୋହନ ଏବଂ ରାମକୃଷ୍ଣଙ୍କ ସହ ଦୁର୍ଗାମାଧବ ଜଗନ୍ନାଥ ବଲ୍ଲଭ ନିକଟକୁ ବିଜେ କରିଥିଲେ। ସେଠାରେ ତିନି ବାଡ଼ରେ ମଙ୍ଗଳାର୍ପଣ କରାଯାଇଥିଲା। ଜଗନ୍ନାଥ ବଲ୍ଲଭ ମଠରେ ଠାକୁରଙ୍କୁ ପ୍ରସାଦ ଲାଗି ଓ ବନ୍ଦାପନା ସହ ଅନ୍ୟ ନୀତି ହୋଇଥିଲା। ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ।






